# Akashvani, Sambalpur

# SAMBALPURI NEWS BULLETIN

## 26 June 2024- 6.47- 6.52 am.

**************************************************

ବାଚସ୍ପତି ନିର୍ବାଚନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ନୂଆଁ ଲୋକସଭାର୍ ବାଚସ୍ପତି ନିର୍ବାଚନ୍ ଆଏଜ୍ ହେବା । ଲୋକସଭା ବାଚସ୍ପତି ପଦ ଲାଗି ଏନ୍‌ଡିଏ ପ୍ରାର୍ଥୀ ଭାବେ ଆଘର୍ ବାଚସ୍ପତି ଓମ୍ ବିର୍ଲା ଆର୍ ଇଣ୍ଡିଆ ମେଂଟର ପ୍ରାର୍ଥୀଭାବେ କେ. ସୁରେଶ ନାମାଙ୍କନ୍ ପତ୍ର ଦାଖଲ୍ କରିଛନ୍ । ଲୋକ୍‌ସଭାର୍ ପହେଲା ଅଧିବେଶନ୍‌ଥି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆର୍ ଅଲ୍‌ଗା ସାଂସଦ୍‌ମାନ୍‌କୁ କାମଚଲା ବାଚସ୍ପତି ଭର୍ତୃହରି ମହତାବ୍ ଶପଥ୍ ପାଠ୍ କରେଇଥିଲେ । ସେନ୍ତା ଆଏବାକାଏଲ୍ ରାଜ୍ୟସଭା ଅଧିବେଶନ୍ ମୁଲ୍ ହେବା । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସେଦିନ ସଂସଦ୍‌ର ମିଲିତ ଅଧିବେଶନ୍‌କେ ସମ୍ବୋଧନ୍ କରବେ । ଇ ଅଧିବେଶନ୍ ଆଏବା ମାସର୍ ୩ ତାରିଖ୍‌ତକ୍ ଚାଲ୍‌ବା ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ଆର୍ଏନ୍ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଠାନେ ଲୁକ୍‌କର୍ ସମସ୍ୟା ଶୁନ୍‌ବାର୍ ସହେତେ ଅଭିଯୋଗ୍ ଶୁଣାଣି କରିଥିଲେ । ରାଜ୍ୟ ଅତିଥି ଭବନ୍ ଅସ୍ଥାୟୀ କାର୍ଯ୍ୟାଳୟ ନ ମୁଖ୍ୟମନ୍ତ୍ରୀ ମଏଧାନ୍‌ନୁ ଡେରି ସନ୍ଧ୍ୟାତକ୍ ଝନ୍ ଝନ୍ କରି ଲୁକ୍‌କର୍ ସମସ୍ୟା ଶୁନିଥିଲେ । ଦୃଷ୍ଟିବାଧିତ ସ୍କୁଲ୍‌ର କାର୍ଯ୍ୟରତ ଅବସରପ୍ରାପ୍ତ ଶିକ୍ଷକ୍‌ମାନ୍‌କର୍ ସମସ୍ୟାର୍ ଯେତେଜଲ୍‌ଦି ହେବା ସମାଧାନ୍ କରାଯିବା ବଲି ସେ ପ୍ରତିଶ୍ରୁତି ଦେଇଥିଲେ । ହେନ୍ତା କଟକ୍ କ୍ରାଏଷ୍ଟ କଲେଜିଏଟ୍ ସ୍କୁଲ୍‌ର ଶିକ୍ଷୟିତ୍ରୀମାନ୍‌କର୍ ସମସ୍ୟାର୍ ସାଙ୍ଗେସାଙ୍ଗ୍ ସମାଧାନ୍ କର୍‌ବାର୍ ଲାଗି ବିଭାଗ୍‌ର ନିର୍ଦ୍ଦେଶକ୍‌ଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଥିଲେ ।

ରାଜସ୍ୱ ମନ୍ତ୍ରୀ-ଉଦ୍‌ଘାଟନ୍ ସୂଚନା ଲୋକସମ୍ପର୍କ ବିଭାଗ୍

ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଭୁବ୍‌ନେଶ୍ୱର୍ ଠାନେ ରାଜସ୍ୱ ଅଧିକାରୀମାନ୍‌କର୍ ୧୫ ନମ୍ବର୍ ସଂସ୍ଥାଗତ ପ୍ରଶିକ୍ଷଣ୍ ଶିବିର୍‌କେ ଗଲାକାଏଲ୍ ଉଦ୍‌ଘାଟନ୍

କରିଛନ୍ । ଇ ଉଲ୍‌ଗୁନେ ହେଇଥିବା କାର୍ଯ୍ୟକ୍ରମ୍‌ଥି ମନ୍ତ୍ରୀ ଶ୍ରୀ ପୂଜାରୀ ସର୍‌କାରୀ ନୀତିନିୟମ୍ ସହେତେ ବୈଷୟିକ ଶିକ୍ଷାର୍ ପ୍ରୟୋଗ୍ ଜରିଏ ଧାରିଜ୍ ସମିଆ ଭିତ୍‌ରେ କାର୍ଯ୍ୟ ସମ୍ପାଦନ୍ କର୍‌ବାର୍ ଉପ୍‌ରେ ଜୋର୍ ଦେଇଥିଲେ । ସର୍‌କାରୀ କାମ୍ ଲାଗି କାର୍ଯ୍ୟାଳୟ ମାନ୍‌କୁ ଆସୁଥିବା ଫି ଲୋକ୍ ଯେନ୍ତା ଆତ୍ମସନ୍ତୋଷ୍ ହେବେ ସେ ଦିଗେ ଧ୍ୟାନ୍ ଦେବାର୍ ଦର୍‌କାର୍ ରହିଛେ ବଲି ରାଜସ୍ୱ ମନ୍ତ୍ରୀ କହିଥିଲେ । କାର୍ଯ୍ୟକ୍ରମ୍‌ଥି ରାଜସ୍ୱ ପ୍ରଶିକ୍ଷଣ ପ୍ରତିଷ୍ଠାନ୍‌ର ୩ ଟା ବହିକେ ଭିଲ୍ ଶ୍ରୀ ପୂଜାରୀ ଉଦ୍‌ଘାଟନ୍ କରିଛନ୍ ।

ଶିକ୍ଷାମନ୍ତ୍ରୀ ଆର୍‌ଏନ୍‌ୟୁ / ସମ୍ବଲପୁର

ଓଡ଼ିଶାର୍ ସବୁ ସର୍‌କାରୀ ଆଉ ସର୍‌କାରୀ ଅନୁଦାନ୍ ପାଉଥିବା ସ୍କୁଲ୍‌ମାନ୍‌କେ ଶିକ୍ଷାର୍ ମାନ୍‌କେ ବଢ଼ାବାର୍ ଲାଗି ସ୍ୱତନ୍ତ୍ର ରୂପରେଖ ତିଆର୍ କରାଯାଉଛେ ବଲି ସ୍କୁଲ୍ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗୋଣ୍ଡ କହିଛନ୍ । ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଠାନେ ବିଭାଗ୍‌ର ଗୁଟେ ସମୀକ୍ଷା ବୈଠକ୍‌ଥି ସ୍କୁଲ୍ ଭିତିଭୂମି, ଶୈକ୍ଷିକ ପରିବେଶ୍ ଆଉ ବିଦ୍ୟାଳୟ ପରିଚାଳନା ଉପ୍‌ରେ ଶ୍ରୀ ଗୋଣ୍ଡ ଜୋର୍ ଦେଇଥିଲେ । ଆଏବା ୫ ବଛର୍ ଲାଗି ଯୋଜନା ତିଆର୍ କରାଯାଇଛେ । ସ୍କୁଲ୍ ମାନ୍‌କେ ବଢ଼ିଆଁ ଶିକ୍ଷାଦାନ୍‌ର

ବ୍ୟବସ୍ଥା ହିଁ ରାଜ୍ୟ ସର୍କାର୍ଙ୍କର୍ ପ୍ରାଥମିକତା ଆଏ । ଭିନ୍ ଭିନ୍ କାରଣ୍ନୁ ବନ୍ଦ୍ କରାଯାଇଥିବା ସର୍କାରୀ ଆଉ ସର୍କାରୀ ଅନୁଦାନ୍ ପ୍ରାପ୍ତ ସ୍କୁଲ୍ ମାନ୍କର୍ ସମୀକ୍ଷା କରାଯିବା ବଲି ନିଷ୍ପତି ନିଆଯାଇଛେ । ହାଇସ୍କୁଲ୍ମାନ୍କର୍ ଭିତିଭୂମିଥି ହେଇଥିବା ପରିବର୍ତନ୍କେ ଦୀର୍ଘସ୍ଥାୟୀ କର୍ବାର୍ ସହେତେ ଆଏବା ଦିନ୍ମାନ୍କେ ସବୁ ଶ୍ରେଣୀ ନ ସ୍ମାର୍ଟ ବୋର୍ଡ୍ ଲଗାବାର୍, ପାଠାଗାର ଆଉ ଅଲ୍ଗା ଭିତିଭୂମିର ଉନ୍ନତି ଲାଗି ଯୋଜନା ରହିଛେ ବଲି ସେ କହିଛନ୍ ।

ନବଯୌବନ ବେଶ - ରଥଯାତ୍ରା ଆର୍ଏନ୍ୟୁ /ସମ୍ବଲପୁର

ଇ ବଛର୍ ରଥଯାତ୍ରା ବିରଳ ସଂଯୋଗ୍ଥି ହେବା । ଆଏବା ମାସର୍ ୭ ତାରିଖ୍ ଦିନ ନେତ୍ରୋତ୍ସବ, ନବଯୌବନ ଦର୍ଶନ୍ ଆଉ ଶ୍ରୀଗୁଣ୍ଡିଚା ରଥଯାତ୍ରା ଅନୁଷ୍ଠିତ୍ ହେବା । ମହାପ୍ରଭୁ ଶ୍ରୀ ମନ୍ଦିର୍ ନୁ ପହଣ୍ଡି ହେଇକରି ବାହାର୍ଲା ଉତ୍ରୁ ଭକ୍ତମାନେ ଦର୍ଶନ୍ କରିପାର୍ବେ । ୯ତାରିଖ୍ ଦିନ ଶ୍ରୀକ୍ଷେତ୍ର ପୁରୀ ନ ମହାପ୍ରଭୁ ଆଡ଼ପ ମଣ୍ଡପ୍ ନ ବିଜେ କର୍ବେ । ତାର୍ ଆରଦିନ ଦିନର୍ ୧୨ ବଜେନୁ ୧ ବଜେ ଭିତ୍ରେ ଆଡ଼ପ ଅଭଡ଼ା ଶ୍ରଦ୍ଧାଳୁମାନ୍କୁ

ମିଲ୍‌ବା । ସେନ୍ତା ସଞ୍ଜ୍‌ବେଲର୍ ଆଲ୍‌ତୀ ରାତି ସାଢ଼େ ୮ବଜେ ଆଉ ରାତି ୧୧ ବଜେ ମଇଲମ ଆଉ ଚନ୍ଦନ ଲାଗି ଆଉ ରାତି ସାଢ଼େ ୧୨ ବଜେ ବଡ଼ସିଂହାର ବେଶ ଲାଗି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ପ୍ରସ୍ତୁତି ଚାଲିଛେ । ୧୫ ତାରିଖ୍ ବାହୁଡ଼ା ଯାତ୍ରା ଦିନ ମଏଧାନର୍ ୧୨ ନୁ ଅଢ଼େଇ ବଜେ ଭିତ୍‌ରେ ମହାପ୍ରଭୁଙ୍କର୍ ପହଣ୍ଡି ଆଉ ଉପର୍‌ବେଲା ୪ ବଜେ ରଥଘିଚା ମୁଲ୍ ହେବା । ୧୮ ତାରିଖ୍ ଦିନ ଅଧରପଣା, ୧୯ ତାରିଖ୍ ଦିନ ନୀଲାଦ୍ରୀ ବିଜେ ଅନୁଷ୍ଠିତ୍ ହେବା । ଇ ଦିନର୍ ମଏଧାନର୍ ୧ ନୁ ସାଢ଼େ ୩ ବଜେ ଭିତ୍‌ରେ ଚାରବନ୍ଧା ଉତ୍‌ରୁ ୪ ବଜେ ପହଣ୍ଡି ମୁଲ୍ ହେଇକରି ୧୦ ବଜେତକ୍ ସର୍‌ବା ବଲି ପ୍ରଶାସନ୍ ତର୍‌ଫୁ କୁହାଯାଇଛେ ।

ନିର୍ବାଚନ କର୍ମଚାରୀ କ୍ଷତିପୂରଣ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ଗଲା ସାଧାରଣ୍ ନିର୍ବାଚନ୍ ସମିଆଥି ଡ୍ୟୁଟିଥି ଥିଲା ବେଲେ ମୃତ୍ୟୁବରଣ୍ କରିଥିବା ସର୍‌କାରୀ କର୍ମଚାରୀମାନ୍‌କର୍ ଉତରାଧିକାରୀମାନ୍‌କୁ ୧୫ ଲାଖ୍ ଟଙ୍କା ଲେଖା ଅନୁକମ୍ପା ରାଶିକେ ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ମଞ୍ଜୁର କରିଛନ୍ । ମୃତକ ମାନ୍‌କର୍ ଭିତ୍‌ରେ ଦେବ୍‌ଗଡ଼୍, ବର୍‌ଗଡ଼୍,

ନୂଆପଡ଼ା, ଗଜପତି ଆର୍ ନବରଙ୍ଗପୁର୍ ଜିଲ୍ଲାର୍ ଝନେ ଲେଖା କର୍ମଚାରୀ ରହିଛନ୍ । ମୁଖ୍ୟ ନିର୍ବାଚନ୍ ଅଧିକାରୀ ଇ ମାନ୍‌କର୍ ପରିବାର୍ ବର୍ଗକେ ସମବେଦନା ଜନାବାର୍ ସହେତେ ଯେତେ ଜଲ୍‌ଦି ହେବା ଅନୁକମ୍ପା ଟଙ୍କା ଦେବାର୍‌କେ ଜିଲ୍ଲାପାଲ୍‌ମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଦୁର୍ଘଟଣା ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ସଦର୍ ଥାନା ଜୟନ୍ତପୁର୍- ପାଶର୍ ଡାକ୍‌ଡେରା ଛକ୍‌ଠାନେ ଗଲା ରାତି ଗୁଟେ ସଡ଼କ୍ ଦୁର୍ଘଟଣାଥି ଝନେ ମହିଲାଙ୍କର୍ ଜୀବନ୍ ଯାଇଥିବାର୍ ବେଲେ ଆଉ ୪ ଝନ୍ ଜବର୍ ଜଖମ୍ ହେଇଛନ୍ । ଇମାନେ ଯାଉଥିବାର୍ ଅଟୋ ରାସ୍ତା ନ ଠିଆ ହେଇଥିବା ଗୁଟେ ଟ୍ରାକ୍ଟର୍‌କେ ଧକ୍କା ଦେବାର୍‌ନୁ ଇ ଦୁର୍ଘଟଣା ହେଇଥିଲା । ଘଟ୍‌ନା ଜାଗା ନ ପୁଲିସ୍ ପହଁଚିକରି ଆହତ୍ ଯାତ୍ରୀମାନ୍‌କୁ ଡାକ୍ତର୍‌ଖାନାକେ ନେଇଥିଲେ ।

ଆଇନ୍‌ସେବା ପ୍ରାଧିକରଣ୍-ଝାର୍‌ସୁଗୁଡ଼ା ଝାର୍‌ସୁଗୁଡ଼ା ସମ୍ବାଦଦାତା

ଝାର୍‌ସୁଗୁଡ଼ା ଜିଲ୍ଲା ଆଇନ୍‌ସେବା ପ୍ରାଧକରଣ୍ ତର୍‌ଫୁ ପୋକ୍‌ସୋ ଅଧିନିୟମ୍, କିଶୋର୍ ନିୟମ୍ ଅଧିନିୟମ୍ ଆଉ ମହିଳା ନିର୍ଯ୍ୟାତନା ଆଉ ଅଲ୍‌ଗା ଅପରାଧ୍ ପିଡ଼ିତା ମାନ୍‌କର୍ କ୍ଷତିପୂରଣ୍ ବାବ୍‌ଦେ ଗୁଟେ ସଚେତନତା କାର୍ଯ୍ୟକ୍ରମ୍ କରାଯାଇଛେ । ସର୍‌ବାହାଲ୍ ହାଇସ୍କୁଲ୍ ଠାନେ ହେଇଥିବା ଇ କାର୍ଯ୍ୟକ୍ରମ୍‌ଥି ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍‌ର ସଚିବ ନେହା ଦାସ ଅଧକ୍ଷତା କରିଥିବାର୍ ବେଲେ ଓକିଲ୍ ମାନେ ଆଇନ୍ ଆଉ ବ୍ୟବସ୍ଥାମାନ୍‌କର୍ ଭିନ୍ ଭିନ୍ ଦିଗ୍ ଉପ୍‌ରେ ଆଲୋକପାତ କରିଥିଲେ ।

ସମ୍ବଲ୍‌ପୁର୍ ରେଡ଼୍‌କ୍ରସ୍ ସମ୍ବଲପୁର ସମ୍ବାଦଦାତା

ବୁର୍ଲା ଠାନେ ଥିବାର୍ ସମ୍ବଲ୍‌ପୁର୍ ଜିଲ୍ଲା ରେଡ଼୍‌କ୍ରସ୍ ସୋସାଇଟିର ବିଶ୍ରାମଗାରମାନ୍‌କର୍ ଦେଖାଚାହାଁ ଆଉ ପରିଚାଲନା ଉପ୍‌ରେ ଜୋର୍ ଦିଆଯିବା । ଗଲାକାଏଲ୍ ଜିଲ୍ଲାପାଲ୍ ଅକ୍ଷୟ ସୁନୀଲ୍ ଅଗ୍ରୱାଲ୍‌ଙ୍କର୍ ଅଧକ୍ଷତାଥି ହେଇଥିବା ଜିଲ୍ଲା ରେଡ଼୍‌କ୍ରସ୍‌ର ବୈଠକ୍‌ଥି ଇ ନିଷ୍ପତି ନିଆଯାଇଛେ । ହେନ୍ତା ପାର୍ବତୀ ଗିରି ସ୍ମାରକୀ ବୃଦ୍ଧାଶ୍ରମର ରକ୍ଷଣାବେକ୍ଷଣ୍ ଆଉ ସୋସାଇଟିର ନୂଆଁ

ଆଜୀବନ୍ ସଦସ୍ୟ ସଂଗ୍ରହ ଲାଗି ଭିଲ୍ ଇଥି ଥିର୍ କରାଯାଇଥିଲା ।

ପାଣିପାଗ ଆର୍ଏନ୍ୟୁ / ସମ୍ବଲପୁର

କେନ୍ଦ୍ରୀୟ ପୂର୍ବ ବଙ୍ଗୋପ୍ସାଗର୍ ନ ଗୁଟେ ଘୂର୍ଣ୍ଣିବଳୟ ସୃଷ୍ଟି ହେଇଛେ । ଇତାର୍ବଲେ ଆଏଜ୍ଠାନୁ ରାଏଜେ ଜବର୍ ବର୍ଷା ହେବା । ସୁନ୍ଦର୍ଗଡ଼୍, କେନ୍ଦୁଝର୍ ସହେତେ ଉତର୍ ଆଉ ଦକ୍ଷିଣ ଓଡ଼ିଶା ନ ଜବର୍ ବର୍ଷା ହେବା ବଲି ଆଗୁଆ ଅନୁମାନ୍ କରାଯାଇଛେ ।